## ସପ୍ତାହେ ହେଲା ଗଛରେ ଝୁଲୁଛି ମୃତଦେହ

ବଡ଼ବିଲ, (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଉଲିବୁରୁ ଜଙ୍ଗଲର ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ମୃତଦେହଟି ଗଳିତ ଅବସ୍ଥାରେ ପ୍ରାୟ ସପ୍ତାହେ ହେଲା ଝୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ମୃତଦେହରେ ପୋକ ଲାଗିଯାଇଥିବାରୁ ସ୍ପଷ୍ଟଭାବେ ଚେହେରା ଜଣାପଡୁ ନାହିଁ। ସ୍ଥାନୀୟ ଲୋକେ ମୃତଦେହ ଝୁଲୁଥିବା ନେଇ ପୋଲିସକୁ ଅବଗତ କରିଥିବା କହୁଥିବା ବେଳେ ପୋଲିସ ଏଯାଏଁ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ନେଇ କୌଣସି ସୂଚନା ନ ଥିବା ବଡ଼ବିଲ ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

## ସଂକ୍ଷେପରେ

### କୂଅରୁ ପାଣି କାଢ଼ିବା ବେଳେ ଯୁବକଙ୍କ ଜୀବନ ଗଲା

କୁଳିଅଣା,୩୧।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କିଶନଡାହି ଛକ ପାଖରେ ଥିବା ଏକ କୂଅରୁ ପାଣି କାଢ଼ିବା ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିଦ୍ଧିଲାଲ ସିଂ (୩୪)। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ସେ କୂଅରୁ ପାଣି କାଢୁଥିବା ବେଳେ ଗୋଡ଼ ଖସି ଯିବାରୁ କୂଅନନ୍ଦରେ ତାଙ୍କ ମୁଣ୍ଡ ପିଟି ହୋଇଯାଇଥିଲା। ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ଭଉଣୀ ଜାମ୍ବବତୀ ସିଂଙ୍କ ଅଭିଯୋଗକୁ ଭିତ୍ତିକରି କୁଳିଅଣା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ବିଲ,୩୧।୩ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ସେଡିଂ ବସ୍ତିସ୍ଥିତ ଏକ ନିମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଉକ୍ତ ବସ୍ତିର ମିଥୁନ ହେସା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୨)ରେ ରୁଜୁ କରି ତଦନ୍ତ କରୁଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ମୃତକ ଜଣକ ନିଶା ସେବନ କରୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ବଡ଼ବିଲ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁ କହିଛନ୍ତି।

### ଅରଣ୍ଡୁଆରେ ସେବା ସମବାୟ ସମିତି ଉଦ୍‌ଘାଟିତ

ପଦ୍ମପୁର, ୩୧।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତରେ ଶୁକ୍ରବାର ଏକ ନୂତନ ସେବା ସମବାୟ ସମିତି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ମହାନ୍ତି ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ନିରୁପମା ନାୟକ, ସମିତି ସଭାପତି ସଂଘମିତ୍ରା ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟାପକ ରତ୍ନାକର ବିଶ୍ୱାଳ, ପୂର୍ବତନ ସରପଞ୍ଚ କରୁଣାକର ବିଶ୍ୱାଳ, ଶିକ୍ଷାବିତ୍ ପୀତାମ୍ବର ତ୍ରିପାଠୀ, ଗୌରହରି ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମବାୟ ସମିତି ଅରଣ୍ଡୁଆ ଓ ଆରୁହା ପଞ୍ଚାୟତର କିଛି ଅଞ୍ଚଳକୁ ନେଇ କାର୍ଯ୍ୟ କରିବ। ଏହା ପୂର୍ବରୁ ବ୍ଲକରେ ୨୨ଟି ସମବାୟ ସମିତି ଥିବାବେଳେ ଅରଣ୍ଡୁଆ ପଞ୍ଚାୟତର ଚାଷୀମାନେ ବରଣ୍ଡୁଆ ସେବା ସମବାୟ ସମିତିରେ ଧାନବିକ୍ରି କରୁଥିଲେ।

### ଯୁବ ବିଜେଡିର ସାଂଗଠନିକ ବୈଠକ

ପାଟଣା,୩୧।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ରାଇଡ଼ିହା ହାଟ ପଡ଼ିଆରେରେ ଶୁକ୍ରବାର ଯୁବ ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ୍ ଯୁବ ବିଜେଡି ସଭାପତି ସତ୍ୟନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସାହାରପଡ଼ା ବ୍ଲକ୍‌ର ୨୦ ପଞ୍ଚାୟତର ଯୁବ ବିଜେଡି ସଭାପତିମାନେ ସାମିଲ ହୋଇଥିଲେ। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ୍ ଯୁବ ବିଜେଡିର ସଂଗଠନକୁ ସୁଦୃଢ଼ କରିବା ପାଇଁ ମତା ପ୍ରକାଶ ପାଇଥିଲା। ନୂତନ ଯୁବକଙ୍କୁ ଦଳରେ ସାମିଲ କରିବା ନେଇ ନେତୃମଣ୍ଡଳୀ କହିଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ଖୁଣ୍ଟା,୩୧।୩(ଡି.ଏନ.ଏ.)- ଖୁଣ୍ଟା ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦେୟ ମୁକ୍ତ ଚକ୍ଷୁ ପରୀକ୍ଷା ଏବଂ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ତପନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ସମ୍ମାନୀତ ଅତିଥି ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ପୁରାତନ ଛାତ୍ର ସଂସଦର ସଭାପତି ପୁଷ୍ପଲତା ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସା କେନ୍ଦ୍ର ରାସଗୋବିନ୍ଦପୁରର ବିଶେଷଜ୍ଞମାନେ ଯୋଗଦେଇ ୧୨୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥି ମଧ୍ୟରୁ ୩୦ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଲାଗି ଚିହ୍ନଟ କରାଯାଇଥିଲା। ଅଧ୍ୟାପିକା ଗୋପା ସିଂଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବାଲିଘାଟକୁ ନେଇ ହତ୍ୟାକାଣ୍ଡ

# ତେଜିଲା ରାଜନୀତି

**■ଭାଜପା ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର**

**■ଉଚ୍ଚସ୍ତରୀୟ ତଦନ୍ତ କରାଯାଉ: କଂଗ୍ରେସ**

କେନ୍ଦୁଝର,୩୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ବାଲିଘାଟ ବିବାଦରୁ ମହିଳାଙ୍କ ହତ୍ୟା ଘଟଣାକୁ ନେଇ ଘଷିପୁରା ରାଜନୀତି ଉଷ୍ମ ହୋଇଛି। ଘଟଣାରେ ହତ୍ୟାକାରୀଙ୍କୁ ଗିରଫ ଦାବି କରିବା ସହ ହତ୍ୟାକାରୀମାନେ ଘଷିପୁରା ବିଧାୟକ ଓ ତାଙ୍କ ପୁଅଙ୍କ ସମର୍ଥକ ଥିବାରୁ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଭାଜପା ଦାବି କରିଛି। ଏନେଇ ଦଳ ପକ୍ଷରୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ଜିତେନ୍ଦ୍ର କୁମାର ପଲେଇ, ରୁଦ୍ର ପ୍ରସାଦ ବେହେରା ଓ ପଦ୍ମନାଭ ମହାନ୍ତ ପ୍ରମୁଖ କର୍ମକର୍ତ୍ତା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ଥାନା ଅନ୍ତର୍ଗତ ଶାଳଦେଇ ଗ୍ରାମରେ ବେଆଇନ ବାଲିଘାଟକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ତେବେ ଘଷିପୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ବାବନ ସାହୁଙ୍କ ସମେତ ତରୁଆଁ ପଞ୍ଚାୟତର ବଳରାମ ବେହେରା ଓ ଶାଳଦେଇ ଗ୍ରାମର ରାମକୃଷ୍ଣ ବୋଇତେଇଙ୍କ ନେତୃତ୍ୱରେ ଶତାଧିକ ଯୁବକ ଆନ୍ଦୋଳନକାରୀ ମହିଳାଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ହୋଇ ମଲ୍ଲୀ ଜେନା ୬ ଦିନ କଟକ ମେଡିକାଲରେ ଚିକିତ୍ସିତ ହେବା ପରେ ମୃତ୍ୟୁବରଣ କରିଥିଲେ। ଗଣ୍ଡଗୋଳ ପଛରେ ସ୍ଥାନୀୟ ବିଧାୟକ ତଥା ତାଙ୍କ ପୁଅମାନଙ୍କ ହାତ ରହୁଥିବାରୁ ଏଭଳି ହତ୍ୟାକାଣ୍ଡ ଘଟିଛି ବୋଲି କୁଅଁର ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ୨୦୨୨ରେ ଖଲଣା ଗ୍ରାମରେ ସୁନନ୍ଦା ସେଠୀ ନାମକ ଯୁବକକୁ ଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଥିଲା। ଏବେ ପୁଣି ଏଭଳି ହତ୍ୟାକାଣ୍ଡ ଉକ୍ତ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଭାଜପା ପକ୍ଷରୁ କୁହାଯାଇଛି । ଘଟଣା ପରେ ଭାଜପା ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର ପୀଡ଼ିତାଙ୍କ ଘରକୁ ଯାଇ ସମସ୍ୟା ବୁଝିଛନ୍ତି। କଂଗ୍ରେସ ଜିଲା ସଭାପତି ବିପ୍ଳବ ମିଶ୍ର କହିଛନ୍ତି, ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ବାଲିଘାଟ ବିବାଦକୁ ନେଇ ହତ୍ୟାକାଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ। ପୋଲିସ ସତର୍କ ରହିଥିଲେ ଏଭଳି ଘଟଣାକୁ ଏଡ଼ାଇ ଦିଆଯାଇପାରଥାନ୍ତା। ଘଟଣାରେ ଜଡ଼ିତ ଅଭିଯୁକ୍ତମାନେ ଶାସକ ଦଳର ସମର୍ଥକ ଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି କହିଥିଲେ। ଏନେଇ ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି, ଶାଳଦେଇ ହତ୍ୟା ଘଟଣାକୁ ନେଇ ସେ ଦାବିପତ୍ର ପାଇଛନ୍ତି। ଉକ୍ତ ଘଟଣାକୁ ନେଇ ଥାନାରେ କେସ୍ ରୁଜୁ ହୋଇ ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ପେଶାଲ ଟିମ୍ ଗଠନ କରାଯାଇଛି ବୋଲି କହିଥିଲେ। ଏନେଇ ବିଧାୟକଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିବା ବେଳେ ତାହା ସମ୍ଭବ ହୋଇନାହିଁ।

## ଶତାଧିକ ଗ୍ରାମବାସୀଙ୍କ ନାମରେ ମାମଲା

**ପୋଲିସକୁ ମାଡ଼ ଘଟଣା**

**ସ୍ତ୍ରୀ, ଶାଶୁ ଥାନାରେ ଅଟକ, ମାମୁ ଫେରାର**

ଭୋଗରାଇ, ୩୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଟୁକୁରୀହାଜିରା ବାଗଞ୍ଚର ପାହିଠାରେ ଗୁରୁବାର ଜଣେ ଝୁଲନ୍ତା ଯୁବକଙ୍କ ମୃତଦେହ ଉଦ୍ଧାର କରିବାକୁ ଯାଇ ପୋଲିସ ମାଡ଼ ଖାଇବା ଘଟଣା ଭିନ୍ନମୋଡ଼ ନେଇଛି। ଏହି ଘଟଣାରେ ଭୋଗରାଇ ଥାନା ପକ୍ଷରୁ ପୃଥକ୍ ଭାବେ ଦୁଇଟି ମାମଲା (ନଂ. ୧୧୭/୨୩ ଓ ୧୧୮/୨୩) ରୁଜୁ କରାଯାଇଛି। ପୋଲିସ ସହ ମୃତ ଯୁବକଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଶତାଧିକ ଗ୍ରାମବାସୀଙ୍କ ନାମରେ ମାମଲା ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ବୈଶିଙ୍ଗା କରଞ୍ଜପଡ଼ା ଅଞ୍ଚଳର ସଦନ ଦେହୁରୀ ନାମକ ଯୁବକ ଭୋଗରାଇପାହିଠାରେ ଥିବା ଚିଙ୍ଗୁଡ଼ିଘେରି ଫାର୍ମରେ ଦୀର୍ଘଦିନ ଧରି କାମ କରି ଆସୁଥିଲେ। ଟୁକୁରୀ ହାଜରା ପଞ୍ଚାୟତ ରଣକୋଠା ଗ୍ରାମର ପ୍ରିୟଙ୍କା ପାତ୍ରଙ୍କୁ ଭଲ ପାଇ ପ୍ରେମ ବିବାହ କଲା ପରେ ଶ୍ୱଶୁର ଘରେ ରହି ଆସୁଥିଲେ। ଗତ କିଛିମାସ ଧରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଘରୋଇ ଗଣ୍ଡଗୋଳ ଲାଗି ରହୁଥିଲା। ସ୍ୱାମୀଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଗ୍ରାମବାସୀ ଓ ମୃତ ଯୁବକଙ୍କ ପରିବାର ଲୋକେ ଭୋଗରାଇ ଥାନାରେ ଏତଲା ଦେଇଥିଲେ। ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିବାକୁ ଯାଇ ସ୍ଥାନୀୟ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ହତ୍ୟାକାରୀଙ୍କୁ ଗିରଫ ନ ହେବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିବା ପରେ ପୋଲିସ ସହିତ ଗ୍ରାମବାସୀଙ୍କ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା। ଗ୍ରାମବାସୀ ପୋଲିସ ପହଞ୍ଚିବା ପୂର୍ବରୁ ମୃତ ଯୁବକଙ୍କ ସ୍ତ୍ରୀ ପ୍ରିୟଙ୍କା ପାତ୍ର ଓ ତାଙ୍କ ଶାଶୁ ଆହ୍ଲାଦି ପାତ୍ରଙ୍କୁ ମାଡ଼ ମାରିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଆକ୍ରୋଶର ଶିକାର ହୋଇଥିଲେ। ଲୋକେ ପୋଲିସ କର୍ମଚାରୀଙ୍କୁ ଠେଲାପେଲା, ଢେଲାମାଡ଼ ସହ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲେ। ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଘେରାବନ୍ଦୀରେ ୨୦ଜଣ ପାଖାପାଖି ପୋଲିସ କର୍ମଚାରୀ କୌଣସି ପଦକ୍ଷେପ ନନେଇ ନୀରବ ରହିଥିଲେ। ପରେ ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରତିଶ୍ରୁତି ପରେ କୌଶଳଗତ ଭାବେ ପୋଲିସ ମୃତଦେହ ସହ ଲୋକଙ୍କ କବଳରୁ ଶାଶୁ, ସ୍ତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ଆଣି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଆହତ ହୋଇଥିବା ୪ ଜଣ ପୋଲିସ କର୍ମଚାରୀଙ୍କ ସମେତ ଡ୍ରାଇଭର ଚିକିତ୍ସାଧୀନ ଥିବା ଜଣାପଡିଛି।

## ଇଏସ୍‌ଆଇ ହସ୍‌ପିଟାଲ ପାଇଁ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ



ଇଏସ୍‌ଆଇ ହସ୍‌ପିଟାଲ ପାଇଁ ଏମ୍‌ପି ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରୁଛନ୍ତି।

ବାଲେଶ୍ୱର ଅଫିସ, ୩୧।୩

ବାଲେଶ୍ୱର ଜିଲାରେ ଅନେକ କଲକାରଖାନା ରହିଥିଲେ ମଧ୍ୟ ଏଠାରେ ଏକ ଇଏସ୍‌ଆଇ ହସ୍ପିଟାଲ ନ ଥିବାରୁ ରୋଗଗ୍ରସ୍ତ ଓ ଆହତ ଶ୍ରମିକମାନେ ଚିକିତ୍ସା ପାଇଁ ବାହାରକୁ ଯିବା ପାଇଁ ବାଧ ହେଉଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ଇଏସ୍‌ଆଇ ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ବାରମ୍ବାର କେନ୍ଦ୍ର ମନ୍ତ୍ରୀଙ୍କ ସହିତ ପତ୍ରାଚାର କରିବା ସହ ଆଲୋଚନା କରି ଆସୁଥିଲେ। ଶେଷରେ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବାଲେଶ୍ୱରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରଦାନ କରିଥିଲେ। ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିବାରୁ ତାଙ୍କର ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏକ କେନ୍ଦ୍ରୀୟ ଟିମ୍ ଓ ସ୍ଥାନୀୟ ପ୍ରଶାସନ ସହ ଜିଲାପାଳଙ୍କ ଦ୍ୱାରା ପ୍ରସ୍ତାବିତ ତିନୋଟି ସ୍ଥାନ ଯଥା ସଦର ବ୍ଲକର ହଳଦୀପଦା, ରେମୁଣା ବ୍ଲକର ବିଦ୍ୟାଧରପୁର ଓ ନରହରିପୁର ବୁଲି ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ଉପଯୁକ୍ତ ସ୍ଥାନ ଚୟନ କରି ମନ୍ତ୍ରୀଙ୍କ ଉପସ୍ଥିତିରେ ଶିଳାନ୍ୟାସ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପରିଦର୍ଶନ ସମୟରେ ଉଭୟ ବାଲେଶ୍ୱର ଓ ରେମୁଣା ତହସିଲଦାରଙ୍କ ସମେତ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, କମଳଲୋଚନ ଦାସ ଓ ସୁବୋଧଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କରଞ୍ଜିଆରେ କେନ୍ଦ୍ର ଅନୁସୂଚିତ ଜନଜାତି କମିଶନ ସଦସ୍ୟ

**ଜନ ଅଭିଯୋଗ ଶୁଣାଣି, ସମୀକ୍ଷା ବୈଠକ**

କରଞ୍ଜିଆ,୩୧।୩

କେନ୍ଦ୍ର ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଗସ୍ତରେ ଆସି ଦୁଧିଆଣୀ ପଞ୍ଚାୟତଠାରେ ଜନ ଅଭିଯୋଗ ଶୁଣାଣି କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଏଡିଏମ୍, ଉପଜିଲାପାଳ, ବିଡିଓ, ପି.ଏ.ଆଇଟିଡିଏ, ସିଡିଏମ୍‌ଓ, ଦେଓ ନଦୀବନ୍ଧ ପ୍ରକଳ୍ପର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଆର୍‌ଡି ବିଭାଗ ନିର୍ବାହୀ ଯନ୍ତ୍ରୀ, ଆର୍‌ଡବ୍ଲୁଏସ୍‌ଏସ୍, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଡିପିଓ, ରେଞ୍ଜ ଅଧିକାରୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଆଇନ ଅଧିକାର, ରାସ୍ତା ଘାଟ, ବିଭିନ୍ନ ଭତ୍ତା, ଦେଓ ବିସ୍ଥାପିତ କ୍ଷତିପୂରଣ ଟଙ୍କା ପାଇ ନ ଥିବା ଏବଂ ଗୃହ ନିର୍ମାଣ ଯୋଜନାରେ ଲୋକେ ଆଦୌ ଉପକୃତ ହୋଇପାରି ନାହାନ୍ତି ବୋଲି କମିଶନ ସଦସ୍ୟଙ୍କଠାରେ ଅଭିଯୋଗ ହୋଇଥିଲା। ଦୁଧିଆଣୀ ପଞ୍ଚାୟତବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି ବୋଲି ଦର୍ଶାଇଥିଲେ।

## ଜଗନ୍ନାଥ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ




କଳସଯାତ୍ରାରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

ଢେଙ୍କିକୋଟ/ଘଟଗାଁ,୩୧।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଖୁଣ୍ଟାପଡ଼ା ଗ୍ରାମର ଶ୍ରୀଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗିର ୧୭ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। କଳସ ଯାତ୍ରାରେ ଅଞ୍ଚଳର ଶ୍ରଦ୍ଧାଳୁ ଡଙ୍ଗାଧାର ନାଳରୁ ଜଳ ଆଣି ଘଟସ୍ଥାପନା କରିଥିଲେ। ପରେ ଯଜ୍ଞ ମଣ୍ଡପ ଶୋଧନ, ଅଗ୍ନିସ୍ଥାପନ, ଗୋପୂଜା ଏବଂ ସୂର୍ଯ୍ୟ ପୂଜା ପରେ ଗୀତାଯଜ୍ଞ ଯଥାବିଧି ଆରମ୍ଭ ହୋଇଥିଲା। ଦେବବ୍ରତ ପଣ୍ଡା, ଗୌରୀଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଗୀତା ପାଠ କରିଥିବା ବେଳେ ଗ୍ରାମର ଜନାର୍ଦ୍ଦନ ନାୟକ ଓ ତାଙ୍କ ସହଧର୍ମିଣୀ ପାର୍ବତୀ ନାୟକ କର୍ତ୍ତିକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆସନ୍ତାର ୬ ତାରିଖରେ ପୂର୍ଣାହୁତି ସହ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହେବ ବୋଲି ତତ୍ତ୍ୱାବଧାରକ ଶିକ୍ଷାବିତ ଜୟଦେବ ପଣ୍ଡା ପ୍ରକାଶ କରିଛନ୍ତି।

## ଚେକ୍ ବାଉନ୍ସ ମାମଲା: ୬ ମାସ ଜେଲ, ୧୦ ଲକ୍ଷ ଜରିମାନା

ଭଦ୍ରକ ଅଫିସ, ୩୧।୩

ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଶୁକ୍ରବାର ଜଣେ ଦୋଷୀଙ୍କୁ ୬ ମାସ ଜେଲ ଦଣ୍ଡ ସହ ୧୦ଲକ୍ଷ ଟଙ୍କା ଜରିମାନା ରାୟ ଦେଇଛନ୍ତି। ଦୋଷୀ ଜଣକ ହେଲେ ସାବରଙ୍ଗ ଥାନା ଅଧୀନ ବାରିକଛକ ଗ୍ରାମର କାମିନୀକାନ୍ତ ଓଝା(୨୭)।

ଘଟଣାରୁ ପ୍ରକାଶ ଯେ, କାମିନୀକାନ୍ତ ସେହି ଥାନା ଅଧୀନ ବରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଶାନ୍ତ କୁମାର ରାଉତଙ୍କ ସହ ବନ୍ଧୁତା ସ୍ଥାପନ କରି ୨୦୧୭ ଅକ୍ଟୋବର ୨୪ରେ ତାଙ୍କ ପାଖରୁ ୫ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ମାସେ ଭିତରେ ଧାର ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ମାସକ ପରେ ପ୍ରଶାନ୍ତ ଟଙ୍କା ଫେରସ୍ତ ମାଗିବାରୁ କାମିନୀକାନ୍ତ ତାଙ୍କୁ ଭଦ୍ରକ ଷ୍ଟେଟ୍‌ବ୍ୟାଙ୍କର ଏକ ଚେକ୍ ଦେଇଥିଲେ। ପ୍ରଶାନ୍ତ ସେହି ଚେକ୍‌କୁ ବ୍ୟାଙ୍କରେ ଡିପୋଜିଟ କରିବା ପରେ ତାଙ୍କ ଜମାଖାତାରେ ଆବଶ୍ୟକ ଟଙ୍କା ନ ଥିବାରୁ ବାଉନ୍ସ ହୋଇଯାଇଥିଲା। ପ୍ରଶାନ୍ତ ବାରମ୍ବାର ଟଙ୍କା ଫେରାଇବାକୁ ଅନୁରୋଧ କରି ନ ପାଇବାରୁ ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୧- ସି.ସି. ମାମଲା (ନଂ. ୩୬୭/୧୮) ଆଗତ କରିଥିଲେ। ଗତ ଫେବୃୟାରୀ ୫ରେ ଉକ୍ତ ମାମଲାର ବିଚାର ହୋଇ ରାୟ ପ୍ରକାଶ ପାଇବାର ଥିଲା। ମାତ୍ର ଅଭିଯୁକ୍ତ ଅନୁପସ୍ଥିତ ରହିବାରୁ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା। ଶୁକ୍ରବାର ସେ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ପ୍ରଶାନ୍ତଙ୍କ ପାଇଁ ଭଦ୍ରକର ବରିଷ୍ଠ ଓକିଲ ଗଦାଧର ବଳ ଓ ତାଙ୍କ ସହଯୋଗୀ ସଞ୍ଜୟ ମାଝୀ, ଏସ୍.କେ. ଗୌରଭ, ଜୟନ୍ତ କୁମାର ଭୋଇ ମାମଲା ପରିଚାଳନା କରୁଥିଲେ।

## ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ତତ୍ପରତା

ବାରିପଦା ଅଫିସ,୩୧।୩

ଦୁର୍ଘଟଣାକୁ ଜନିତ ମୃତ୍ୟୁକୁ ଶୂନ୍ୟ କରିବା ନିମନ୍ତେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଶୁକ୍ରବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଜିଲା ପୋଲିସ ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଏବଂ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ତଥା ଦୁର୍ଘଟଣା ରୋକିବା ନିମନ୍ତେ ଗାଡ଼ି ଚାଳକଙ୍କ ପାଇଁ ବିଭିନ୍ନ ପ୍ରକାର ନୀତି ନିୟମ ପ୍ରବର୍ତ୍ତନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ଜିଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତେବେ ମରଣଯନ୍ତା ପାଲଟିଥିବା ରାସ୍ତାଗୁଡ଼ିକ ମରାମତି କରିବା ସହିତ ସୂଚନା ଫଳକ ଓ ସଚେତନତା ସୃଷ୍ଟି କରି କଡ଼ାକଡ଼ି ଯାଞ୍ଚ କରାଗଲେ କାର୍ଯ୍ୟକ୍ରମ ସଫଳ ରୂପାୟନ ହେବ ବୋଲି ଜିଲାବାସୀ ମତବ୍ୟକ୍ତ କରିଛନ୍ତି।

## ଶୋଭାଯାତ୍ରାରେ ବୁଲିଲା ୩୧ ମେଢ଼



ଭଦ୍ରକ ଅଫିସ, ୩୧।୩

ଶ୍ରୀରାମ ନବମୀ ଉତ୍ସବ ପାଳନ ଅବସରରେ ଶୁକ୍ରବାର ମେଢ଼ ଶୋଭାଯାତ୍ରା ସାଙ୍ଗକୁ 'ଜୟ ଶ୍ରୀରାମ' ଧ୍ୱନିରେ ତିହିଡ଼ି ଅଞ୍ଚଳ ପ୍ରକମ୍ପିତ ହୋଇଛି। ବ୍ଲକର ବିଭିନ୍ନ ଅଞ୍ଚଳରୁ ୩୧ଟି ସୁସଜ୍ଜିତ ମେଢ଼ ଶୋଭାଯାତ୍ରା ପରିକ୍ରମା କରିଛି। ଶୋଭାଯାତ୍ରା ତିହିଡ଼ି କଲେଜ ଛକ ଓ ଭାଟପଡ଼ା ତାରିଣୀ ମନ୍ଦିର ନିକଟରୁ ବାହାରି ନୂଆପୋଖରୀସ୍ଥିତ ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲା। ମଙ୍ଗରାଜପୁର, ତିହିଡ଼ି, ହରିପୁର, ବାହାବଳପୁର, ସୟା, ବିଦ୍ୟାଧରପୁର, ଆରସା, ଝିଙ୍କିରିଆ ଆଦି ଗ୍ରାମରୁ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା।

**ତିହିଡ଼ିରେ ଶ୍ରୀରାମ ନବମୀ ଉତ୍ସବ**

ଶ୍ରୀରାମ ନବମୀ ସମିତି ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାଶ, ଉପସଭାପତି କାଳନ୍ଦୀ ଚରଣ ଦାଶ, ସହସମ୍ପାଦକ ରାଜେଶ ନାୟକ, କୋଷାଧ୍ୟକ୍ଷ ନୀଳମଣି ସାବତ, ଭାଗୀରଥି ଆଚାର୍ଯ୍ୟ, ରଘୁନାରାୟଣ ନାୟକ, ସୀତାକାନ୍ତ ନାୟକ, ତପନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରସାଦଙ୍କ ତତ୍ତ୍ୱାବଧାନରେ ତିହିଡ଼ି ଆଇଆଇସି ଏମ୍.ଡି. ହାଫିଜ୍, ପୀରହାଟ ଥାନା ଅଧିକାରୀ ଗୟାଧର ବେହେରା ପ୍ରମୁଖଙ୍କ ସହ ୧ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।

**ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟଙ୍କ ଶୁଣାଣି**

## ରାସନ କାର୍ଡ, ଭତ୍ତାକୁ ନେଇ ଉଦ୍‌ବେଗ

**ପାଟଣା,୩୧।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉପାନ୍ତ ଅଞ୍ଚଳ ଦାମାହୁଦା ପଞ୍ଚାୟତ ଗୃହରେ ଶୁକ୍ରବାର ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଅଭିଯୋଗ ଶୁଣାଣି କରିଛନ୍ତି। ଦାମାହୁଦା ସରପଞ୍ଚ ବାସନ୍ତୀ ଟୁଡୁଙ୍କ ଅଧ୍ୟକ୍ଷତାରେ ସାହାରପଡ଼ା ବିଡିଓ ବିଜୟ ନାୟକ, ଡିଡବ୍ଲୁଓ ପ୍ରବୀଣ ଦେଓ, ବିଇଓ ଉତ୍ତମ ନାୟକ, ଡବ୍ଲୁଓ ଦେବଦର୍ଶିନୀ ପ୍ରୀତି ରେଖା, ବିଦ୍ୟୁତ, ପାନୀୟ ଜଳ, ବିଭାଗର ଅଧିକାରୀଙ୍କ ସହ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୨୦ ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିଧବାମାନେ ଭତ୍ତା ପାଇବାରୁ ବଞ୍ଚିତ ରହିବା, ଗରିବଙ୍କୁ ରାସନ କାର୍ଡ ନ ମିଳିବା ଓ ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ଯୋଜନାରେ ଜମି ଚିହ୍ନଟରେ ଅହେତୁକ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ସଦସ୍ୟ ନିର୍ଦ୍ଦେଶ ଦେଇଥିଲେ।

## ୬ଦିନ ଧରି ଆରାଧନା, ଶେଷ ସନ୍ଧ୍ୟାରେ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଶିକ୍ଷକ ନରହରି ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**୨ଶହ ବର୍ଷର ଅଣ୍ଡାଇଲୋ ମଧୁଗଣେଶ ପୂଜା**

ଖଇରା, ୩୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ମଧୁଗଣେଶ ପୂଜାର ୨ଶହ ବର୍ଷ ପୂର୍ତ୍ତିକୁ କମିଟି ମହାଆଡମ୍ବରରେ ପାଳନ କରିଛି । ୨୬ତାରିଖରେ ପୂଜା ଆରମ୍ଭ ହୋଇଥିବା ବେଳେ ୬ଦିନ ଧରି ଧୁମଧାମ୍‌ରେ ଆରାଧନା ପରେ ୩୧ତାରିଖ ସନ୍ଧ୍ୟାରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁଗଣେଶ ବାର୍ଷିକ ମହୋତ୍ସବରେ କମିଟି ସଭାପତି ମାନସ କୁମାର ଭଞ୍ଜ ପୌରୋହିତ୍ୟ କରିଥିଲେ। ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା ମୁଖ୍ୟଅତିଥି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଅକ୍ଷିତ କୁମାର ଜେନା, ସରପଞ୍ଚ ମମତାରାଣୀ ପରିଡା, ସମିତିସଭ୍ୟ ନଳିନୀ କୁମାର ସାହୁ ଓ ନରହରି ସାମଲ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା, ସଂସ୍କୃତି, ପାଲା ପରିବେଷଣ, ଖବର ପରିବେଷଣ, ସମାଜସେବା, କବିତାଲିଖନ କ୍ଷେତ୍ରରେ ଅବଦାନ ଥିବା ନରହରି ରାଉଳ, ଦମୟନ୍ତୀ ରାଉତ, ନିତ୍ୟାନନ୍ଦ ସାହୁ, ରିତାରାଣୀ ଦାସ, ଶଙ୍କର୍ଷଣ ରାୟ, ଭଗବାନ ଭଞ୍ଜ, ବାବାଜୀ ଚରଣ ଦାଶ, ନରହରି ବେହେରା, ଛାୟାକାନ୍ତ ମହାନ୍ତି, ଉତ୍କଳବନ୍ଧୁ ପଣ୍ଡା, ଚିନ୍ତାମଣି ସାହାଣି, ଗୋପାଳରାୟ ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ରାଉତ, ସୀତା ମାରାଣ୍ଡି, ଅଚ୍ୟୁତ କୁମାର ବେହେରା, ନଟକିଶୋର ନାୟକ, ଜଶମିତା ମହାନ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅଣ୍ଡାଇଲୋ ଗ୍ରାମର ସମସ୍ତ ଗ୍ରାମବାସୀ ୬ଦିନିଆ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

